# NATIONAL NEWS BULLETIN (ODIA)

**7 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଆସନ୍ତା ରବିବାର ଦିନ ଗୁଜରାଟର ସୋମନାଥ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

- ପାକିସ୍ତାନ  ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ  ପ୍ରଶ୍ରୟ ଦେବା ନେଇ ସମାଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ଉନ୍ନତମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରି ଦେଶର ୫୦ ହଜାର ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଛି ରାଷ୍ଟ୍ରୀୟ ଗୁଣବତ୍ତା ସୁନିଶ୍ଚିତ ମାନକ ପ୍ରମାଣପତ୍ର

- ଭେନେଜୁଏଲାରେ ଆମେରିକା ଆକ୍ରମଣରେ ୫୬ ଜଣଙ୍କ ମୃତ୍ୟୁ

ଏବଂ

- ଟି-୨୦ କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍ ଗୁଡ଼ିକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ନେଇ ବାଂଲାଦେଶର ଆବେଦନକୁ ପ୍ରତ୍ୟାଖ୍ୟାନ କଲା ଆଇସିସି

---

## ସୋମନାଥ-ସ୍ୱାଭିମାନ ପର୍ବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ଦିନ ଗୁଜରାଟର ସୋମନାଥ ଗସ୍ତ କରି ସେଠାରେ ବର୍ଷବ୍ୟାପି ପାଳନ କରାଯିବାକୁ ଥିବା ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବେ । ସୋମନାଥ ଉପରେ ଆକ୍ରମଣର ଏକହଜାର ବର୍ଷ ପୂର୍ତ୍ତି ଅବସରରେ ଚଳିତବର୍ଷ ଏକବର୍ଷ ବ୍ୟାପି

ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତାକାଲିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ସୋମନାଥ ସ୍ୱାଭିମାନ ପର୍ବରେ ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୋମନାଥ ମନ୍ଦିରର ପୁନଃସ୍ଥାପନର ମଧ୍ୟ ଚଳିତବର୍ଷ ୭୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦ୍ୱାରା ୧୯୫୧ ମସିହାରେ ଏହି ମନ୍ଦିରର ପୁନଃ ସ୍ଥାପନ ହୋଇଥିଲା ।

## ଜୟଶଙ୍କର

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଘଟଣାକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିବା ସହ  ସେଠାକାର ସମସ୍ତ ରାଜନୈତିକ ଦଳ ଦେଶବାସୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଲକ୍ସିମ୍‌ବର୍ଗଠାରେ ଆଜି ଭାରତୀୟ ସମୁଦାୟଙ୍କ ସହ ଭାବବିନିମୟ କଲାବେଳେ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ଲକ୍ସିମବର୍ଗ ସହ ରାଜନୈତିକ, ବ୍ୟବସାୟିକ ଓ ପ୍ରାଦୌଗିକ କ୍ଷେତ୍ରରେ ଭାରତର ସହଭାଗିତା ରହିଆସିଛି । ଦୁଇଦେଶର ସଂପର୍କକୁ ମଜବୁତ କରିବାରେ ପ୍ରବାସୀ ଭାରତୀୟଙ୍କ ଅବଦାନକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି ।

ଏହି ଅବସରରେ ଜୟଶଙ୍କର , ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଲାଗି ଦଶନ୍ଧି ବ୍ୟାପୀ ପ୍ରଶିକ୍ଷଣ ଶିବିରମାନ ଚଳାଇ ଆସୁଥିବାରୁ ତାହାକୁ ସମାଲୋଚନା କରିଛନ୍ତି । ଆଜିର ବିଶ୍ୱରେ କେତେକ ଦେଶ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତକୁ ମାଗଣାରେ ପରାମର୍ଶ ଦେବାରେ ଲାଗିଛନ୍ତି । ସମାନ ପ୍ରକାର ଘଟଣା ଅପରେସନ ସିନ୍ଦୂର

ବେଳେ ଦେଖାଯାଇଥିଲା । ନିଜ ଅଞ୍ଚଳରେ ଦେଖାଦେଉଥିବା ସମସ୍ୟାକୁ ଅଣଦେଖା କରି ସେମାନେ ଭାରତର ଗମ୍ଭୀର ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରୁଥିଲେ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

---

## ଗଭ୍-ଏନ୍‌କ୍ୟୁଏଏସ୍

ଦେଶରେ ୫୦ ହଜାର ସ୍ୱାସ୍ଥ୍ୟକେନ୍ଦ୍ର ନ୍ୟାଶନାଲ୍ କ୍ୱାଲିଟି ଆସୁରାନ୍ସ ଷ୍ଟାଣ୍ଡାର୍ଡ-ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର ପାଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ରୋଗୀଙ୍କ ପ୍ରତି ବିଶେଷ ଯତ୍ନ, ଗୁଣବତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ଜନସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ସ୍ୱତନ୍ତ୍ର ସହାୟତା ସହ  ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶ୍ୱସ୍ତରୀୟ ସୁବିଧା ଦେବା ଲାଗି ଏନ୍‌କ୍ୟୁଏଏସ୍ ବ୍ୟବସ୍ଥାକୁ ବିକଶିତ କରାଯାଇଛି । ୨୦୨୪ ଜୁନ୍‌ରୁ ଏହା କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପ୍ରାରମ୍ଭିକ ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଓ  ପରବର୍ତ୍ତୀ ସମୟରେ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ ଆରୋଗ୍ୟ ମନ୍ଦିର- ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ଏହାକୁ ଲାଗୁ କରାଯାଇଥିଲା ।

---

## ନିଉ ଫାଇନାନ୍ସ ପିପିପି

ଦେଶରେ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ସୁସଂହତ କରିବା ଲାଗି ଅର୍ଥନୈତିକ ବ୍ୟାପାର ବିଭାଗ ୩ ବର୍ଷିଆ ସରକାରୀ-ଘରୋଇ ଭାଗିଦାରୀତାରେ ପ୍ରକଳ୍ପ ସ୍ଥିର କରିଛି । ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା ଅନୁଯାୟୀ, ଏହି ପ୍ରକଳ୍ପ ଗ୍ରହଣ କରାଯାଇଛି। ଏଥିରେ ଦେଶର ଭିତ୍ତିଭୂମି ବିକାଶ

କାର୍ଯ୍ୟରେ ଘରୋଇ କ୍ଷେତ୍ରର ଅଧିକ ଯୋଗଦାନ ରହିବ । ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, କେନ୍ଦ୍ରୀୟ ଭିତ୍ତିଭୂମି ମନ୍ତ୍ରଣାଳୟ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଶି ୮୫୨ଟି ପ୍ରକଳ୍ପ ଉପରେ କାର୍ଯ୍ୟ କରିବେ । ଏଥିଲାଗି ୧୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ନିବେଶକ,ଅଂଶୀଦାର ଏବଂ ବିକାଶ କାର୍ଯ୍ୟରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷ ଅଧିକ ପ୍ରକଳ୍ପରେ ଏବଂ ନିବେଶ କରିପାରିବେ ।

---

## ପିଏମ୍-ସମୁଦ୍ର ପ୍ରତାପ

ଗୋଆଠାରେ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ 'ସମୁଦ୍ର ପ୍ରତାପ'କାର୍ଯ୍ୟକ୍ଷମ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାହାର ଉଚ୍ଚ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଏହି ଜାହାଜ ବିଭିନ୍ନ କାରଣରୁ ଗୁରୁତ୍ୱ ବହନ କରି ଆତ୍ମନିର୍ଭର ଦୃଷ୍ଟିକୋଣକୁ ସୁଦୃଢ଼ କରିଛି । ସମୁଦ୍ର ପ୍ରତାପ ଦେଶର ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ସ୍ଥାୟିତ୍ୱ ପ୍ରତି ଥିବା ପ୍ରତିବଦ୍ଧତାର ଏହା ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ଇସ୍ରୋ

ଭାରତୀୟ ମହକାଶ ଅନୁସନ୍ଧାନ ସଂଗଠନ-ଇସ୍ରୋ ଆସନ୍ତା ୧୨ ତାରିଖରେ PSLV C-62 ଉପଗ୍ରହ ଉତ୍କ୍ଷେପଣ କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶଧାବନ ମହାକାଶ କେନ୍ଦ୍ରରୁ ସକାଳ ୧୦ଟା ୧୭ ମିନିଟ୍ ସମୟରେ ଏହି ଉପଗ୍ରହ ଉତ୍କ୍ଷେପଣ କରାଯିବ । ଏଥିରେ ଭୂ-ନିରୀକ୍ଷଣ ଉପଗ୍ରହ EOS N-1 ପ୍ରତିରକ୍ଷା ଗବେଷଣା ଏବଂ

ବିକାଶ ସଂଗଠନର ବିଭିନ୍ନ ରଣନୈତିକ କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ଜଣାପଡ଼ିଛି । ଏହି ଅଭିଯାନରେ ୧୮ଟି ଦେଶୀୟ ଏବଂ ବିଦେଶୀ ଉପଗ୍ରହ ମଧ୍ୟ ଉତ୍କ୍ଷେପଣ କରାଯିବ ।

## ଭେନେଜୁଏଲା

ଭେନେଜୁଏଲା ସାମରିକ ବାହିନୀ ପକ୍ଷରୁ କୁହାଯାଇଛି, ଗତ ଶନିବାର ଆମେରିକା ସେନା ପକ୍ଷରୁ କରାଯାଇଥିବା ଆକ୍ରମଣରେ ଭେନେଜୁଏଲାର ୨୪ ଜଣ ସୁରକ୍ଷା ଅଧିକାରୀ ପ୍ରାଣ ହରାଇଛନ୍ତି । ତେବେ ଏହି ଆକ୍ରମଣରେ ସମୁଦାୟ ୫୬ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ଅଧିକ ନାଗରିକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା କେତେ ତାହା ସ୍ପଷ୍ଟ ହୋଇପାରି ନାହିଁ ।

ଭେନେଜୁଏଲା ଆଟର୍ଣ୍ଣି ଜେନେରାଲ୍ ତାରେକ୍ ୱିଲିୟମ୍ ସାବ୍ ଗତକାଲି କହିଥିଲେ ଯେ ଆମେରିକା ଆକ୍ରମଣରେ କେତେକ ସାମରିକ ଅଧିକାରୀ ଓ ନାଗରିକଙ୍କର ମୃତ୍ୟୁ ଘଟିଛି । ଏହି କାର୍ଯ୍ୟାନୁଷ୍ଠାନକୁ ସେ ଯୁଦ୍ଧ ଅପରାଧ ଭାବେ ବର୍ଣ୍ଣନା କରିବା ସହ ଏ ନେଇ ତଦନ୍ତ କରାଯିବ ବୋଲି କହିଥିଲେ ।

ଅନ୍ୟପକ୍ଷରେ କ୍ୟୁବା ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଆମେରିକା ଆକ୍ରମଣ ଯୋଗୁଁ ଭେନେଜୁଏଲାରେ କାର୍ଯ୍ୟରତ ଥିବା କ୍ୟୁବାର ୩୨ ଜଣ ସାମରିକ ଓ ପୋଲିସ୍ ଅଧିକାରୀଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ କାରବୀୟ ଦ୍ୱୀପରେ ଦୁଇଦିନିଆ ଶୋକ ପାଳନ କରାଯାଇଛି ।

# ପ୍ରଗତି ସ୍ପେଶାଲ୍ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ହିମାଚଳ ପ୍ରଦେଶର ଦ୍ୱିତୀୟ ପାର୍ବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପର୍କରେ ।

ଦ୍ୱିତୀୟ ପାର୍ବତୀ ଜଳବିଦ୍ୟୁତ୍ ପ୍ରକଳ୍ପ' ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାର ପାର୍ବତୀ ନଦୀ ଉପରେ ଏନ୍.ଏଚ୍.ପି.ସି. ଲିମିଟେଡ୍‌ଦ୍ୱାରା ନିର୍ମାଣ କରାଯାଇଛି । ଦେଶର ସବୁଠାରୁ ଜଟିଳ ଏବଂ ଗୁରୁତ୍ୱପୂର୍ଣ୍ଣ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟରେ ଏହା ଅନ୍ୟତମ । ବାର୍ଷିକ ୩ ହଜାର ୭୪ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବାପାଇଁ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି । ହିମାଚଳ ପ୍ରଦେଶ, ଦିଲ୍ଲୀ, ଜମ୍ମୁ-କାଶ୍ମୀର, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡୀଗଡ଼ ଆଦି ଅଞ୍ଚଳ ଏହି ଜଳବିଦ୍ୟୁତ୍ ପ୍ରକଳ୍ପର ସୁଫଳ ପାଇଥା'ନ୍ତି । ତେବେ ନିର୍ମାଣ ସମୟରେ ଜମି ଅଧିଗ୍ରହଣ, କିସମ ପରିବର୍ତ୍ତନ ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକଦ୍ୱାରା

ଅଗ୍ରଗତି ବାଧାପ୍ରାପ୍ତ ହୋଇଥିଲା । ୨୦୧୬ ଫେବୃୟାରୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରଗତୀ ପଦକ୍ଷେପ ମାଧ୍ୟମରେ ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିବା ପରେ ରହିଥିବା ଆହ୍ୱାନଗୁଡ଼ିକର ତୁରନ୍ତ ସମାଧାନ ହୋଇଥିଲା । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ୪ଟି ଉତ୍ପାଦନକାରୀ ୟୁନିଟ୍ ମଧ୍ୟରୁ ୩ଟି ଗତବର୍ଷ ଏପ୍ରିଲ୍ ପହିଲାରେ ଏବଂ ଚତୁର୍ଥଟି ଏପ୍ରିଲ୍ ୧୬ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା । ମୋଟ୍ ୮୦୦ ମେଗାୱାଟ୍ କ୍ଷମତାବିଶିଷ୍ଟ ଏହି ପ୍ରକଳ୍ପରୁ ସମ୍ପୂର୍ଣ୍ଣରୂପେ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ଷମ ହୋଇଥିଲା । ପ୍ରଗତୀ ପଦକ୍ଷେପଦ୍ୱାରା ଭିତ୍ତିଭୂମି ଯୋଜନା, କାର୍ଯ୍ୟାନ୍ୱୟନ ତ୍ୱରିତ ହେବା ସହ ଦେଶର ଶକ୍ତିକ୍ଷେତ୍ରରେ ବର୍ଦ୍ଧିତ କ୍ଷମତାକୁ ପ୍ରତିପାଦନ କରୁଛି ।

# ଆଇସିସି-କ୍ରିକେଟ୍

ଆସନ୍ତା ମାସ ହେବାକୁ ଥିବା ଟି-୨୦ କ୍ରିକେଟ୍ ବିଶ୍ୱକପ୍ -୨୦୨୬ର ମ୍ୟାଚ୍‌ଗୁଡ଼ିକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ନେଇ ବାଂଲାଦେଶ କ୍ରିକେଟ୍ ବୋର୍ଡ-ବି.ସି.ବି ପକ୍ଷରୁ କରାଯାଇଥିବା ଆବେଦନକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ-ଆଇସିସି ପ୍ରତ୍ୟାଖ୍ୟାନ କରିଦେଇଛି । ନିରାପତ୍ତା ଦୃଷ୍ଟିରୁ ବାଂଲାଦେଶ କ୍ରିକେଟ୍ ବୋର୍ଡ ତା'ର ଦଳକୁ ଭାରତ ଗସ୍ତରେ ନ ଯିବା ପାଇଁ ନିଷ୍ପତ୍ତି ନେଇଛି । ବାଂଲାଦେଶରେ ହିନ୍ଦୁମାନଙ୍କୁ ହତ୍ୟା କରାଯାଉଥିବାରୁ ତା'ର ପ୍ରତିବାଦ ସ୍ୱରୂପ ଭାରତୀୟ ପ୍ରିମିୟର ଲିଗ୍ ଆଇପିଏଲ୍‌ରେ ସ୍ଥାନ ପାଇଥିବା ବାଂଲାଦେଶ ଖେଳାଳି ମୁସ୍ତାଫିଜ୍ ରହମାନଙ୍କୁ ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ-ବିସିସିଆଇ ପକ୍ଷରୁ ବାଦ୍ ଦିଆଯିବା ପରେ ବିସିବି ଏଭଳି ନିଷ୍ପତ୍ତି ନେଇଛି । ତେବେ ଆଇସିସି ପକ୍ଷରୁ କୁହାଯାଇଛି ଯେ ଶେଷ ମୁହୂର୍ତ୍ତରେ ମ୍ୟାଚ୍ ସ୍ଥାନାନ୍ତର

ନେଇ ବିସିବି ପକ୍ଷରୁ ବୈଧ କାରଣ ଦର୍ଶାଯାଇ ନଥିବାରୁ ତା’ର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଛି ।